ODM EDUCATIONAL GROUP
Changing your Tomorrow

# କହିବି କଥାଟି

## କବୟିତ୍ରୀ-ନାରୀକବି କୁନ୍ତଳା କୁମାରୀ ସାବତ

## ଶ୍ରେଣୀ-ସପ୍ତମ

## ଦ୍ୱିତୀୟ ଦିନ

## SUB-CONCEPTS:ମାଆର ସନ୍ତାନକୁ ଉଦବୋଧନ ।

ପୂର୍ବ ପାଠର ଆଲୋଚନା-

୧.'ଉତ୍କଳ ଭାରତୀ' କିଏ ?
୨.କୁନ୍ତଳା କୁମାରୀଙ୍କ କବିତା ଗ୍ରନ୍ଥଗୁଡିକର ନାମ କୁହ ।
୩.ତାଙ୍କର ଦୁଇଟି ଉପନ୍ୟାସର ନାମ କୁହ ।
୪.କବୟିତ୍ରୀ ପେଶାରେ କ'ଣ ଥିଲେ ?



# କବିତାଂଶ ଆଲୋଚନା:

"ଆଜି ବାପା ତୋତେ କହିବି କଥାଟି .... .... .... .... ....ସଙ୍ଗୀ ସଙ୍ଗେ ହର୍ଷେ ମାତି ।"

- କବୟିତ୍ରୀ ନିଜକୁ ମାଆ ଭୂମିକାରେ ରଖି ଭବିଷ୍ୟତ ବଂଶଧର ସନ୍ତାନକୁ ସୁଯୋଗ୍ୟ ଦାୟାଦ କରି ଗଢ଼ିବାକୁ ପ୍ରୟାସ କରେ ।
- ଶିଶୁର ମନ ନିର୍ମଳ,ହୃଦୟ କୋମଳ । ତା'ର ଆଖିରେ ଚଞ୍ଚଳତାର ଚାହାଣୀ,ତା'ର ଦରୋଟି କଥା ଓ ହସରୁ ସତେକି ଅମୃତ ଝରିପଡେ ।
- ପିଲାଙ୍କ ବାଳ ସୁଲଭ ଚପଳତା କବୀଙ୍କ ମନରେ ଚପଳତା ଭରି ଦେଇଛି ।ତେଣୁ ତା'ଆଗରେ ଅତୀତ ଉତ୍କଳର ଉଜ୍ଜ୍ୱଳ ଇତିହାସ ବର୍ଣ୍ଣନା କରି ତା'ମନରେ ଜାତୀୟ ଚେତନା ଜାଗ୍ରତ କରିବାକୁ ସେ ଇଚ୍ଛା କରିଛନ୍ତି ।
- ସାଙ୍ଗସାଥୀ ମେଳରେ,ଧୂଳିମାଟିରେ ଶିଶୁ ଗଢି ବସେ ତା'ର ଖେଳଘର ।ତା'ର ନିଜ ଢଙ୍ଗରେ ସେ ମାଟିରେ ଗଢେ ପଶୁ,ପକ୍ଷୀ,ଦେବତା,ଦେଉଳର ପ୍ରତିଛବି । କବୀ ସେସବୁକୁ ଲକ୍ଷକରି ଉଲ୍ଲସିତ ହୋଇଉଠିଛନ୍ତି ।

# କଠିନ ଶବ୍ଦର ଅର୍ଥ:

- କୁମର-ପୁତ୍ର
- ଗଣ୍ଡିଧନ-ଅତି ଆଦରର ବସ୍ତୁ ବା ବ୍ୟକ୍ତି
- ଭାଷ-ଭାଷା
- ଡଉଲ-ସୁନ୍ଦର
- ଲବଣୀ ପିତୁଳା-କୋମଳ ମୂର୍ତ୍ତି/କୋମଳ ଶରୀର
- ସଙ୍ଗୀ-ସାଙ୍ଗ

# ବ୍ୟାକରଣଗତ ଶବ୍ଦ:

## ବିପରୀତ ଶବ୍ଦ:

ଆନନ୍ଦ-ବିଷାଦ
ହସ-କାନ୍ଦ
ସୁନ୍ଦର-ଅସୁନ୍ଦର
ଜାତି-ଅଜାତି
ଜୀବ-ନିର୍ଜୀବ

## ପ୍ରତିଶବ୍ଦ:

ମନ୍ଦିର-ଦେଉଳ,ଦେବାଳୟ
ଦେବତା-ସୁର,ଦେବ,ଅମର
ପକ୍ଷୀ-ବିହଙ୍ଗ,ଖଗ
ଫୁଲ-ସୁମନ,କୁସୁମ
ଆଖି-ନୟନ,ନେତ୍ର

## ଭିନ୍ନାର୍ଥବୋଧକ ଶବ୍ଦ:

କୁଳ-ବଂଶ
କୂଳ-ନଦୀ ତଟ
ସର୍ଗ-ଅଧ୍ୟାୟ
ସ୍ୱର୍ଗ-ମହାକାଶ

## ଗଦ୍ୟରୂପ:

ନିରିମଳ-ନିର୍ମଳ
କଉତକ-କୌତୁକ
ସରଗ-ସ୍ୱର୍ଗ

## ଲିଙ୍ଗ ପରିବର୍ତ୍ତନ:

ଦେବ-ଦେବୀ
ସାଙ୍ଗ-ସଙ୍ଗୀ

# ଗୃହକର୍ମ:

ଛୋଟ ଶିଶୁଟି କିପରି ଆମ ସମସ୍ତଙ୍କର ପ୍ରିୟ ହୋଇଥାଏ-ବୁଝାଇ ଲେଖ ।

# THANKING YOU

# ODM EDUCATIONAL GROUP